# ନଇଁଗଲା ଆପେ ମଥା

ଶ୍ରୀ ବଟକୃଷ୍ଣ ଓଝା

ସାଇକେଲଟିଏ କିଣିବ ଅନନ୍ତ
ସାଇତିଛି କିଛି ଧନ,
ଏ କଥା ଜାଣିଲେ ଗୋପବନ୍ଧୁ ବାବୁ
ଅଥିର ହୋଇଲା ମନ ।
ମନକଥା ମନେ ରଖି ଗୋପବନ୍ଧୁ
କହିଲେ, "ଅଭାବ ଭାରି,
ଟଙ୍କା ଥିଲେ ଦିଅ ଦେବି ମୁଁ 'ଅନନ୍ତ'
ଗଲେ ଦିନ ଦୁଇ ଚାରି ।"



ଟଙ୍କା ଥଳି ଆଣି ଥୋଇଲେ ଅନନ୍ତ
ଦାସେ ଆପଣଙ୍କ ପାଶେ,
ହାତେ ଧରି ଥଳି ଚାହିଁଲେ ନିମିଷେ
ଦୁଃଖ ମିଶା ଦରହାସେ ।
ଚାରି ଦିନ ଯାଇ ଚାରି ମାସ ଗଲା
ବରଷେ ବି ଗଲା ପୂରି,
ଗୋପବନ୍ଧୁବାବୁ ଦେଲେ ନାହିଁ ଟଙ୍କା
ଅନନ୍ତ ହୋଇଲେ ଝୁରି ।

ଦୂର ଗାଆଁ ବାଟ କିପରି ଯିବି ମୁଁ
ଦୁଃଖରେ ବସିଲେ ଭାଳି,
ବହୁତ ଦିନରୁ ଥକି ପଡ଼ିଲିଣି
ପାଦରେ ମୁଁ ଚାଲିଚାଲି ।
ସାଇକେଲ ହେଲେ ସହଜ ସହଳ
ବହୁତ ପାରନ୍ତି ବୁଲି,
ଟଙ୍କା ନେଇ ସେ ତ ଫେରାଇ ଦିଅନ୍ତି
ମୋ କଥା କି ଗଲେ ଭୁଲି ।



ଭାବିଭାବି ଦିନେ ବେଳ କାଳ ଉଣ୍ଡି
କହିଲେ ମନର କଥା,
ଗୋପବନ୍ଧୁବାବୁ ହସିଲେ ଅଳପ
ତଳକୁ ନୁଆଁଇ ମଥା ।
"ତୁମ ଟଙ୍କା କଥା ଅଛି ମୋର ମନେ
ଦେଇ ନାହିଁ ଜାଣିଜାଣି,
କଥା ଯଦି ମୋର ରଖିବ ଅନନ୍ତ
ଏଇକ୍ଷଣି ଦେବି ଆଣି ।"



ବରଷା ବଢ଼ିରେ ଘରଘର ବୁଲି
ଅପନ୍ତରା ବାଟ ଦେଇ,
ପାଦେ ଚାଲିଚାଲି ଭୋକିଲା ଲୋକର
ଖବର ଫେରୁଛ ନେଇ ।
ସାଇକେଲ ହେଲେ ସଡ଼କ ବାଟରେ
ସୁବିଧାରେ ଯିବ ଚାଲି,
ଅଭାବ କେଉଁଠି କିପରି ଜାଣିବ
କହିଲ ମନରେ ଭାଳି ?



ପାଣି କାଦୁଅରେ ଆଉ କି ପଶିବ
ଦେଖିବ ଦୁଃଖୀର ମୁହଁ,
ବରଷା ବଢ଼ିରେ କିଏ ପୋଛି ଦେବ
ଆକୁଳ ଆଖିର ଲୁହ ?
ଟଙ୍କା ନେଇ ଯାଅ ସାଇକେଲ କିଣା
ମନୁ କରିଦିଅ ଦୂର,
ଦୁଃଖୀ ଜନସେବା ଯେଉଁଠି କରୁଛ
ସେଇ ତ ସରଗପୁର ।

ମଣି ମୁକୁତାର ଝଲକରୁ ବଳି
ଶୃଙ୍ଖଳା ଅଧରୁ ହସ,
ସେ ହସରୁ ଝରେ ସରଗ ସୁଷମା
ଦେବତା ହୁଅନ୍ତି ବଶ ।
ସରମରେ ସଡ଼ି ବୁଝିଲେ ଅନନ୍ତ
ତାଙ୍କ ମରମର କଥା,
ଦାସେ ଆପଣଙ୍କ ଚରଣ ଯୁଗଳେ
ନଇଁଗଲା ଆପେ ମଥା ।



## କବି ପରିଚୟ

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି **ବଟକୃଷ୍ଣ ଓଝା**ଙ୍କ ଜନ୍ମ ୧୯୩୯ ମସିହା ଅକ୍ଟୋବର ମାସ ୨୦ ତାରିଖରେ । 'କଥା କି କୁହୁକ', 'ହସଫୁଲ', 'ମୋ ଗୀତ', 'ମୋ ଗପ', 'ବାଇଦବଜା' , 'ମୋ କୁନି କୁନି କବିତା' ଭଳି ଶିଶୁ ସାହିତ୍ୟ ପୁସ୍ତକ ରଚନା କରି ସେ ଶିଶୁମାନଙ୍କ ହୃଦୟକୁ ଜୟ କରି ପାରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

- ☐ ଶିକ୍ଷକ କବିତାଟିକୁ ପଢ଼ାଇଲା ବେଳେ ଗୋପବନ୍ଧୁଙ୍କ ଫଟୋ ସଂଗ୍ରହ କରି ପିଲାମାନଙ୍କ ଆଗରେ ଟାଙ୍ଗି ଦେବେ ।
- ☐ ପାଠଟିକୁ ପଢ଼ାଇସାରିବା ପରେ ଗୋପବନ୍ଧୁଙ୍କ ସମ୍ପର୍କରେ ପାଠବାହାରୁ କିଛି ଅଧିକ ତଥ୍ୟ ପିଲାଙ୍କୁ ଦେବେ ।
- ☐ ଗୋପବନ୍ଧୁଙ୍କ ତ୍ୟାଗ, ସେବା ଓ ନିଃସ୍ୱାର୍ଥ ଭାବନା ସହିତ ପିଲାଙ୍କୁ ପରିଚିତ କରାଇବାକୁ ଯତ୍ନ କରିବେ ।
- ☐ ଗୋପବନ୍ଧୁଙ୍କ ଭଳି ଓଡ଼ିଶାର ଆଉ କେତେଜଣ ମହାପୁରୁଷ ବିଶେଷକରି ତତ୍କାଳୀନ ପଞ୍ଚସଖା ଓ ସାକ୍ଷୀଗୋପାଳର ବନ ବିଦ୍ୟାଳୟ ସମ୍ପର୍କରେ ଧାରଣା ଦେବେ ।

## ସୂଚନା

ଅପନ୍ତରା – ବିଶେଷ ଭାବରେ ଲୋକ ଚଳାଚଳ ନ ଥିବା ବିସ୍ତୃତ ଅଞ୍ଚଳ ।
ଅଥିର – ଅସ୍ଥିର, ଯାହା ସ୍ଥିର ନୁହେଁ ।
ଅନନ୍ତ – ପ୍ରଚାରକ ଅନନ୍ତ ମିଶ୍ର, ଗୋପବନ୍ଧୁଙ୍କ ସହକର୍ମୀ ।
ଗୁଜୁରାଣ(ଗୁଜରାଣ) – ଜୀବନ ଧାରଣ, ଜୀବିକା
ମେଣ୍ଟିଯିବା – ଚଳିଯିବା, ପୂରଣ ହେବା ।

ଦାସେ ଆପଣ-ଆଗେ ବ୍ରାହ୍ମଣମାନଙ୍କୁ ସମ୍ବୋଧନ କଲାବେଳେ ସାଙ୍ଗିଆ ସହିତ ଆପଣେ ଲଗାଇ କହୁଥିଲେ । ଯେପରି ମିଶ୍ରେ ଆପଣେ, ମହାପାତ୍ରେ ଆପଣେ, ରଥେ ଆପଣେ ଇତ୍ୟାଦି... । ଏଠାରେ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ 'ଦାସେ' ଆପଣ ବ୍ୟବହାର ହୋଇଛି । ଏବେ ମଧ୍ୟ କେତେକ ସ୍ଥାନରେ ଏ ପରମ୍ପରା ରହିଛି ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଦରହାସ, ବଶ, ଅଧର, ଯୁଗଳ, ନିମିଷ, ସୁଷମା, ଘାରି

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) ଏହି କବିତାରେ ବର୍ଣ୍ଣିତ ଅନନ୍ତ କିଏ ?

ଖ) ଗୋପବନ୍ଧୁଙ୍କ ମନ ଅସ୍ଥିର ହେଲା କାହିଁକି ?

ଗ) ଏହି କବିତାରେ 'ଦାସେ ଆପଣ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?

ଘ) ଅନନ୍ତ କାହିଁକି ଦୁଃଖରେ ଭାଳି ହେଲେ ?

ଙ) ଏହି କବିତାରେ କେଉଁ ସ୍ଥାନକୁ ସ୍ୱର୍ଗପୁର କୁହାଯାଇଛି ?

୨. **ପଦର ଛାଡ଼ି ଯାଇଥିବା ଅଂଶକୁ ପୂରଣ କରିବା ।**

କ) ଟଙ୍କା ଥଳି ଆଣି ଥୋଇଲେ ଅନନ୍ତ

...................................................................................

ଖ) ...................................................................................

ଦୁଃଖମିଶା ଦରହାସେ ।

ଗ) ଟଙ୍କା ନେଇ ଯାଅ ..................................................................

ମନୁ କରିଦିଅ ଦୂର,

ଘ) ...................................................................... ଯେଉଁଠି କରୁଛ

ଙ) ସେଇ ତ ........................................................................ ।

୩. **ତଳ ପଦଗୁଡ଼ିକୁ କଥା ଆକାରରେ ଲେଖିବା ।**

ଯେପରି - ସାଇକେଲଟିଏ କିଣିବ ଅନନ୍ତ

ସାଇତିଛି କିଛି ଧନ

ଉ. ଅନନ୍ତ ସାଇକେଲଟିଏ କିଣିବା ପାଇଁ କିଛି ଧନ ସାଇତିଛି ।

ସେପରି -

କ) ଏକଥା ଜାଣିଲେ ଗୋପବନ୍ଧୁ ବାବୁ

ଅଥିର ହୋଇଲା ମନ

ଉ.............................................................................................

ଖ) ବହୁତ ଦିନରୁ ଥକି ପଡ଼ିଲିଣି

ପାଦରେ ମୁଁ ଚାଲିଚାଲି

ଉ.............................................................................................

ଗ) ପାଦେ ଚାଲିଚାଲି ଭୋକିଲା ଲୋକର

ଖବର ଫେରୁଛ ନେଇ

ଉ.............................................................................................

ଘ) ସରମରେ ସଢ଼ି ବୁଝିଲେ ଅନନ୍ତ

ତାଙ୍କ ମରମର କଥା

ଉ.............................................................................................

୪. **ଯେପରି 'ବରଷ'ର ଗଦ୍ୟ ରୂପ'ବର୍ଷ', ସେପରି ଏହି କବିତାର ଆଉ କେଉଁ ଶବ୍ଦକୁ ଗଦ୍ୟ ରୂପରେ ଲେଖିହେବ- ବାଛି ତାହାର ଗଦ୍ୟ ରୂପ ଲେଖିବା ।**

ଉ. ...................... ...................... ...................... ......................

...................... ...................... ...................... ......................

**୫. ଘରକୁ ଘର - ଏହାକୁ ମଧ୍ୟ ଘରଘର ବୋଲି ଲେଖାଯାଇପାରେ, ସେହିପରି ଏଗୁଡ଼ିକ କ'ଣ ହେବ ଲେଖିବ ।**

ବର୍ଷକୁ ବର୍ଷ - ଦ୍ୱାରକୁ ଦ୍ୱାର -

ମାସକୁ ମାସ - ଜଣକୁ ଜଣ -

ଗାଁକୁ ଗାଁ - ଦେଶକୁ ଦେଶ-

**୬. ଦୁଇଟି ପାଦକୁ 'ଚରଣ ଯୁଗଳ' କହିବା ପରି ତଳେ ଲେଖାଥିବା ପଦଗୁଡ଼ିକୁ କ'ଣ କୁହାଯାଏ ଲେଖିବା ।**

ଦୁଇଟି ଚକ୍ଷୁ -

ଦୁଇଟି ହସ୍ତ -

ଦୁଇଟି ମୂର୍ତ୍ତି -

ଦୁଇଟି ପକ୍ଷୀ -

**୭. 'ହାସ' ଶବ୍ଦ ପୂର୍ବରୁ 'ଦର' ଲାଗି 'ଦରହାସ' ଶବ୍ଦ ହୋଇଛି, ସେପରି ପୂର୍ବରୁ 'ଦର' ଲାଗିଥିବା ଶବ୍ଦ କେତୋଟି ଲେଖିବା ।**

ଉ. ........................................................................................

........................................................................................

**୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

କ) ଗୋପବନ୍ଧୁ ଅନନ୍ତଙ୍କୁ ପାଖକୁ ଡାକି କ'ଣ କହିଲେ ?

ଉ. ........................................................................................

ଖ) ଅନନ୍ତ କେଉଁମାନଙ୍କର ଖବର ସଂଗ୍ରହ କରୁଥିଲେ ?

ଉ. ........................................................................................

ଗ) ଅନନ୍ତ ଲଜ୍ଜିତ ହେଲେ କାହିଁକି ?

ଉ. ........................................................................................

୯.   **ଏହି ପଦଟିର ଅର୍ଥ ନିଜ ଭାଷାରେ ବୁଝାଇ ଲେଖିବା ।**

ମଣିମୁକୁତାର          ଝଲକରୁ ବଳି
          ଶୁଖିଲା ଅଧର ହସ,
ସେ ହସରୁ ଝରେ          ସରଗ ସୁଷମା
          ଦେବତା ହୁଅନ୍ତି ବଶ ।

ଉ.

## ତୁମ ପାଇଁ କାମ

୧.   ତୁମଭିତରୁ ଜଣେ ଉତ୍କଳମଣି ଓ ଆଉ ଜଣେ ଅନନ୍ତ ହୋଇ କବିତାଟିକୁ ଅଭିନୟ କର ।

୨.   ଗୋପବନ୍ଧୁଙ୍କ ଚିତ୍ରଟିଏ କରି ଶ୍ରେଣୀରେ ଟାଙ୍ଗ ।